# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28th November – 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ଲାଗି ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ।

— ସମୃଦ୍ଧ କୃଷକ ଯୋଜନାରେ ଏମ୍.ଏସ୍.ପି. ଏବଂ ଇନ୍‌ପୁଟ୍ ସହାୟତାପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା ।

— ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଖର୍ଚ୍ଚ ହେବ ୯୯୪ କୋଟି; ସୁଭଦ୍ରା ଯୋଜନାପାଇଁ ୨୯୫ କୋଟି ଟଙ୍କାର ବ୍ୟୟବରାଦ ।

- ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ଦେଶରେ ଜି.ଡି.ପି.ରେ ୮ ଦଶମିକ ୨ ପ୍ରତିଶତ ଅଭିବୃଦ୍ଧି ।

- ଦେଶରେ ଦକ୍ଷତା ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା-କୌଶଳର ସଂସ୍କୃତି ତିଆରି କରିବାର ଆବଶ୍ୟକତା ରହିଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ଗୋଆରେ ଆଜି ଉଦ୍‌ଯାପିତ ହେଉଛି ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ।

*BBSR/R*

# ଅତିରିକ୍ତ ବଜେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ଆର୍ଥିକ ବର୍ଷ ଲାଗି ରାଜ୍ୟର ସମଗ୍ର ଘରୋଇ ଉତ୍ପାଦ ୬ ପ୍ରତିଶତରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି । ଏଥିରେ ପ୍ରଶାସନିକ ବ୍ୟୟ ୩ ହଜାର ୩୮୯ କୋଟି, ସରକାରୀ କାର୍ଯ୍ୟକ୍ରମ ୧୩ ହଜାର ୭୧୬ କୋଟି ଏବଂ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦରେ ୧୭୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ବଜେଟ୍‌ରେ ସରକାରୀ ଆବାସିକ କୋଠାର ରକ୍ଷଣାବେକ୍ଷଣ ପାଇଁ ୨୦୫ କୋଟି, ରାସ୍ତା ଓ ସେତୁର ମରାମତି ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଧାନ କ୍ରୟପାଇଁ ଆବର୍ତ୍ତି ପାଣ୍ଠି ୩ ହଜାର କୋଟି, ସମୃଦ୍ଧ କୃଷକ ଯୋଜନାରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି, ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୧୩ କୋଟି ଟଙ୍କା ବ୍ୟୟ କରାଯିବ । ବଜେଟ୍‌ରେ ସୁଭଦ୍ରା ଯୋଜନାପାଇଁ ୨୯୫ କୋଟି, ମମତା ଯୋଜନା ଅଧୀନରେ ଗର୍ଭବତୀ

ମହିଳାଙ୍କ ପାଇଁ ସର୍ତ୍ତମୂଳକ ନଗଦ ହସ୍ତାନ୍ତର ଲାଗି ୧୪୨ କୋଟି, ମିଶନଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୪୨୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ବଜେଟ୍‌ରେ କ୍ରୀଡ଼ା, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିଛନ୍ତି । ପି.ଏମ୍. ପୋଷଣ ଯୋଜନାରେ ୩୯୨ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟପାଇଁ ୩୨୦ କୋଟି, ସମଗ୍ର ଶିକ୍ଷାପାଇଁ ରାଜ୍ୟ ସହାୟତା ବାବଦକୁ ୨୦୭ କୋଟି, କ୍ରୀଡ଼ାର ବିକାଶ ପାଇଁ ୩୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ରାଜ୍ୟରେ ଚାରାରୋପଣ କ୍ଷତିପୂରଣ ପାଣ୍ଠିପାଇଁ ୨୪୨ କୋଟି, ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶପାଇଁ ୮୦ କୋଟି, ସବୁଜ ମହାନଦୀ ମିଶନପାଇଁ ୨୯ କୋଟି ଟଙ୍କା ଖର୍ଚ୍ଚ ହେବ । ପଞ୍ଚାୟତି, ଗ୍ରାମୀଣ ଓ ସହରାଞ୍ଚଳ ବିକାଶପାଇଁ ମଧ୍ୟ ସରକାର ପଦକ୍ଷେପ ନେଇଛନ୍ତି । ସେତୁବନ୍ଧ ଯୋଜନାପାଇଁ ୧୨୦ କୋଟି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ବଜେଟ୍‌ରେ ଭାରତ ନେଟ୍ ପ୍ରକଳ୍ପପାଇଁ ୨୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ସଂସ୍କୃତି ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବାପାଇଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧୀନରେ ୧୦୦ କୋଟି ଏବଂ କଳାମଣ୍ଡଳ ପ୍ରତିଷ୍ଠାନ ପାଇଁ ୯୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

*Desk*

# ଝାରସୁଗୁଡ଼ା - ଶିଳ୍ପସଂସ୍ଥା

ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାରେ ୫୪ଟି ବିଭିନ୍ନ ବୃହତ୍ ଶିଳ୍ପସଂସ୍ଥା ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି । ସେଥିମଧ୍ୟରୁ ୧୪ଟି ବୃହତ୍ ଶିଳ୍ପସଂସ୍ଥା ସ୍ଥାପିତ ହୋଇ ଆଂଶିକ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

*Desk*

# କ୍ରୀଡ଼ାବିତ୍ - ପ୍ରମାଣପତ୍ର

ରାଜ୍ୟର ୧୨୨ ଜଣ ବିଭିନ୍ନ ବର୍ଗର କ୍ରୀଡ଼ାବିତ୍ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପାଇବା ଅପେକ୍ଷାରେ ରହିଛନ୍ତି ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଗୃହରେ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ନେଇ ସଦସ୍ୟ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି ।

*Desk*

# ଜି.ଡି.ପି.

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ଦେଶର ମୋଟ୍ ଘରୋଇ ଉତ୍ପାଦ – ଜି.ଡି.ପି.ରେ ୮ ଦଶମିକ୍ ୨ ପ୍ରତିଶତ ଅଭିବୃଦ୍ଧି ହୋଇଛି । ଗତବର୍ଷ ଏହି ସମୟରେ ଜି.ଡି.ପି. ହାର ୫ ଦଶମିକ୍ ୬ ପ୍ରତିଶତ ଥିବା ଜଣାଯାଇଛି । ଏହି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଅବଧିରେ ଜି.ଡି.ପି. ୭ ଦଶମିକ୍ ୮ ପ୍ରତିଶତ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଏହି ଅଭିବୃଦ୍ଧିକୁ ଉତ୍ସାହଜନକ ଭାବେ ଅଭିହିତ କରିବା ସହିତ ଉଲ୍ଲେଖ କରିଛନ୍ତି, ଏହା ସରକାରଙ୍କ ଉନ୍ନୟନମୂଳକ ନୀତି ଓ ସଂସ୍କାର ପ୍ରତିଫଳନ । ଏହି ଅଭିବୃଦ୍ଧି ଦେଶବାସୀଙ୍କର କଠିନ ପରିଶ୍ରମର ପ୍ରତୀକ ବୋଲି ଶ୍ରୀ ମୋଦି କହିଛନ୍ତି । ଆଗାମୀ ଦିନରେ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକଙ୍କର ଜୀବନ ଧାରଣର ମାନକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

*Desk*

# ଜ୍ଞାନ ଅନ୍ୱେଷଣ

ଦେଶରେ ନୂଆ ଦକ୍ଷତା, ସ୍ୱପ୍ନ ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ସିଙ୍ଗାପୁରର ବିଶ୍ୱ ଆର୍ଥିକ ଓ ପ୍ରଯୁକ୍ତିବିଦ୍ୟା ନେଟ୍‌ୱାର୍କ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ **'ଶିକ୍ଷା ସମ୍ବାଦ-ପ୍ରଯୁକ୍ତିବିଦ୍ୟା ସହିତ ଭବିଷ୍ୟତ'** ଶୀର୍ଷକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇ କହିଛନ୍ତି, ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟା ଦୃଶ୍ୟପଟ୍ଟରେ ଓଡ଼ିଆ ପିଲାମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ ଆରମ୍ଭ ହୋଇଛି । ବର୍ତ୍ତମାନ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଓ ଭର୍ଚ୍ଚୁଆଲ ରିଅଲିଟି, ଶିକ୍ଷା, କାର୍ଯ୍ୟ ଓ ଯୋଗାଯୋଗକୁ ରୂପାନ୍ତରିତ କରୁଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଯୁବପିଢ଼ିଙ୍କୁ ଫିନ୍‌ଟେକ୍ କ୍ଷେତ୍ରରେ ସମ୍ପୂର୍ଣ୍ଣ ସୁଯୋଗ ନେବାପାଇଁ ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ - ଭାରତନେତ୍ରର ଶୁଭାରମ୍ଭ କରାଯାଇଛି । ଏଥିରେ ଆଗାମୀ ୫ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ଓ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ତାଲିମ ଦିଆଯିବାର ଲକ୍ଷ୍ୟ ରହିଛି ।

*Desk*

## ଆଇ.ଏଫ୍.ଏଫ୍.ଆଇ.

ଗୋଆରେ ଆୟୋଜିତ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.-୨୦୨୫ର ଆଜି ଉଦ୍‌ଯାପନୀ ଦିବସ । କାର୍ଯ୍ୟକ୍ରମରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ

ଡକ୍ଟର ଏଲ୍. ମୁରୁଗନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ୮ ଦିନ ଧରି ଚାଲିଥିବା ଚଳଚ୍ଚିତ୍ର ମହୋତ୍ସବରେ  କଳା, ସଂସ୍କୃତି ଓ ସିନେମାରେ ନବସୃଜନକୁ ପ୍ରଦର୍ଶିତ କରାଯାଇଛି । କଳା ଏକାଡେମୀଠାରେ ଅନୁଷ୍ଠିତ ସାରଗର୍ଭକ ଆଲୋଚନାଚକ୍ରରେ ବିଶିଷ୍ଟ ଅଭିନେତା ଆମୀର ଖାନ୍ ଯୋଗଦେଇ କଳା, ଜନମତ, ଚଳଚ୍ଚିତ୍ର ନିର୍ମାଣ ଓ ସଫଳତା ପଛରେ ନିର୍ଦ୍ଦେଶକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ଦେଓଲଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ଚଳିତ ଥର ନାରୀ ସଶକ୍ତୀକରଣ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'କୁ ମହୋତ୍ସବରେ ପ୍ରଦର୍ଶିତ କରାଯାଇଥିଲା । ଏହାସହ ଓଡ଼ିଶାର ବହୁ ବିଶିଷ୍ଟ କଳାକାର ଚଳଚ୍ଚିତ୍ର ମହୋତ୍ସବରେ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଓ ନବସୃଜନ ଉପଯୋଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଗୋଲ୍ଡେନ୍ ଏବଂ ସିଲ୍ଭର୍ ପିକକ୍ ଆୱାର୍ଡ଼ ସହ ଅନ୍ୟ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ ।

ମହୋତ୍ସବରେ ୮୧ଟି ଦେଶର ୨୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା, ଯାହା ବିଶ୍ୱ ସିନେ ଜଗତର ସର୍ବୋତ୍ତମ ଚଳଚ୍ଚିତ୍ରର ନିଦର୍ଶନ । ସମାରୋହରେ କଳା, ସଂସ୍କୃତି ଏବଂ ସିନେମା ସମ୍ପର୍କିତ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଥିଲା ।

*HS*

# ରାଜ୍ୟପାଳ - ଅଡିଟ୍

ଆଧୁନିକ ଅଡ଼ିଟ୍ ବ୍ୟବସ୍ଥା ସୁଶାସନର ଚାବିକାଠି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ପଞ୍ଚମ ଅଡିଟ୍ ସପ୍ତାହ ପାଳନର ଉଦ୍‌ଯାପନ ସମାରୋହରେ ଯୋଗଦେଇ ରାଜ୍ୟପାଳ' ଆଧୁନିକ ଅଡିଟ୍ ବ୍ୟବସ୍ଥା ବିଶ୍ଳେଷଣାତ୍ମକ, ପ୍ରଯୁକ୍ତିବିଦ୍ୟା ଚାଳିତ ଏବଂ ଭବିଷ୍ୟତମୁଖୀ ହେବା ଆବଶ୍ୟକ ବୋଲି କହିଛନ୍ତି ।

*Boudh/R*

# ଶୂନ୍ୟ ମୃତାହତ ପକ୍ଷ

ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ବୌଦ୍ଧ ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା ।

*Boudh/R*

# କୃଷି ତାଲିମ କାର୍ଯ୍ୟକ୍ରମ

ବୌଦ୍ଧଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁମରକେଳି ଗ୍ରାମରେ ତୈଳବୀଜ ଫସଲ ଚାଷକୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଯାଇଛି । ବୈଜ୍ଞାନିକ ପଦ୍ଧତିରେ ତୈଳବୀଜ ଚାଷର ମୂଲ୍ୟ ନିର୍ଦ୍ଧାରଣ, ବଜାର ଉପଲବ୍ଧତା ଏବଂ ବିକ୍ରି ସଂକ୍ରାନ୍ତରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ।

*Gajapati, Rayagada/R*

## ଯୁବ ଉତ୍ସବ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣମଣ୍ଡପଠାରେ ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ-୨୦୨୫ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଦୁଇଦିନିଆ ଉତ୍ସବରେ ବିକଶିତ ଭାରତ ଗଠନରେ ଯୁବଶକ୍ତିର ଭୂମିକା, ନେତୃତ୍ୱ ବିକାଶ, ସମାଜସେବା, ଡିଜିଟାଲ୍ ସକ୍ଷମତା ଆଦି ସଂକ୍ରାନ୍ତରେ ସଚେତନତା କରାଯାଉଛି ।

ରାୟଗଡ଼ା ଜିଲ୍ଲାସ୍ତରୀୟ ଦୁଇଦିନିଆ ଯୁବୋତ୍ସବ-୨୦୨୫ ଆଜିଠାରୁ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

*Nabaragpur/R*

## ବିକାଶ ପରିଯୋଜନା

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଷଣ୍ଢସା ଗ୍ରାମରୁ ସଂସଦସ୍ତରୀୟ ସଙ୍କୁଳ ବିକାଶ ପରିଯୋଜନାର ଶୁଭାରମ୍ଭ ହୋଇଛି । ବାଣୁଆଗୁଡ଼ା ଓ ଚିତାବେଡ଼ା ଗ୍ରାମପଞ୍ଚାୟତର ୨୪ଟି ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

*Sonepur, Nabarangpur/R*

## ପୋଷ୍ୟ ସନ୍ତାନ

ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ-୨୦୨୫ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ନୃପରାଜ ସାହୁ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣର ଆଇନଗତ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ ।

ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ଶିବିର ଓ ସଚେତନତା ରଥର ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଯୋଗଦେଇ ଆଇନ ଅନୁଯାୟୀ

ପୋଷ୍ୟ ସନ୍ତାନ ଗ୍ରହଣ କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

***Nuapada/R***

## ବାର୍ଷିକ କ୍ରୀଡ଼ା ଉତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।

******